# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**4 April – 2026**

---

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ବସିବାକୁ ଥିବା ଏହି ବୈଠକରେ ୭ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରୁ ନିର୍ମାଣ ବିଭାଗର ୨ଟି, ସ୍ୱାସ୍ଥ୍ୟ, ଜଳସମ୍ପଦ, ରାଜସ୍ୱ ଆଦି ବିଭିନ୍ନ ବିଭାଗର ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି ଜଣାପଡିଛି ।

---

# ଖଡ଼ିଛୁଆଁ ଉତ୍ସବ

ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ 'ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ' ପାଳନ କରାଯାଉଛି । ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଅଭିଯାନରେ ଗୁଣାତ୍ମକ ଶିକ୍ଷାଦାନ ସରକାରଙ୍କ ମୂଳଲକ୍ଷ୍ୟ ।

---

## ରେଳ ବିକାଶ

ଓଡ଼ିଶାରେ ରେଳ ବିକାଶ ପାଇଁ ୯୩ ହଜାର କୋଟିରୁ ଅଧିକ ଟଙ୍କା ମଂଜୁର କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ରେଳ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବୈଷ୍ଣବ କହିଛନ୍ତି, ରାୟଗଡ଼ା ଡିଭିଜନକୁ ଅନୁମୋଦନ କରାଯାଇଛି । ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ । ସର୍ବାଧିକ ରାଜସ୍ୱ ସୃଷ୍ଟିକାରୀ  କୋଥାଭାଲ୍‌ସା-କିରାଣ୍ଡୁଲ୍ ଲାଇନ୍ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଅଞ୍ଚଳ ସମେତ ରାୟଗଡ଼ା ଡିଭିଜନରେ ରହିଛି । ତେଣୁ ପୂର୍ବତଟ ରେଳପଥର କୌଣସି ରାଜସ୍ୱ କ୍ଷତି ହେବ ନାହିଁ । ପଲାସା-ଇଛାପୁରମ୍ ସେକ୍ସନରେ କୌଣସି ବଡ଼ ମାଲ୍ ପରିବହନ ଆୟ ଉତ୍ପାଦନ କରୁଥିବା ଷ୍ଟେସନ  ନାହିଁ । ତେଣୁ ଏହା ଦ୍ୱାରା ମଧ୍ୟ ପୂର୍ବତଟ ରେଳପଥର ରାଜସ୍ୱ କ୍ଷତି ହେବ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ଓଡ଼ିଆ ପକ୍ଷ-ନାମଫଳକ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ଚତୁର୍ଥ ଦିନରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ 'ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ' ଦିବସ ପାଳନ କରାଯାଉଛି । ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଏକ ସଚେତନତା ଅଭିଯାନ ପଦଯାତ୍ରାକୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନଠାରେ ବିଭାଗୀୟ ମନ୍ତ୍ରୀ

ଗଣେଶରାମ ସିଂ ଖୁଣ୍ଟିଆ ଆଜି ପୂର୍ବାହ୍ନରେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## +୨ ଖାତାଦେଖା

ଉଚ୍ଚ ପ୍ରାଥମିକ ଶିକ୍ଷାପରିଷଦ-ସିଏଚ୍‌ସି ପକ୍ଷରୁ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମର ପରୀକ୍ଷା ଖାତା ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ଶେଷ ହେବ । ୧୫ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ଆରମ୍ଭ ହେବ । ୧୫୧ଟି ପରୀକ୍ଷା କେନ୍ଦ୍ରରେ ଖାତାଦେଖା ପ୍ରକ୍ରିୟା ଚାଲୁଛି । ପ୍ରଥମ ପର୍ଯ୍ୟାୟରେ ୭୫ଟି ଇ-ମୂଲ୍ୟାୟନ କେନ୍ଦ୍ର ଓ ୭୬ଟି ଅଫ୍ ଲାଇନ୍ କେନ୍ଦ୍ରରେ ଖାତାଦେଖା ଜାରି ରହିଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ସିବିଏସ୍‌ଇ-୩ଟି ଭାଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନେ ୩ଟି ଭାଷା ପଢ଼ିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥିମଧ୍ୟରୁ ୨ଟି ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରାଯାଇଛି । ଷଷ୍ଠ ଶ୍ରେଣୀରୁ ତ୍ରିଭାଷୀ ସୂତ୍ର ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ଏବଂ ନବମ ଶ୍ରେଣୀରୁ ଗଣିତ ଓ ବିଜ୍ଞାନରେ ୨ ସ୍ତରୀୟ ବ୍ୟବସ୍ଥା ଲାଗୁକରାଯିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି ।

## ଶ୍ରାଦ୍ଧ ଦିବସ - ରଘୁ-ଦିବାକର

ସହିଦ୍ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଆଜି ଭୁବନେଶ୍ୱର ଜୟଦେବ ଭବନଠାରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଶ୍ରାଦ୍ଧ ଦିବସ ଉପଲକ୍ଷେ ଆଜି ସକାଳେ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ସହିଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।

---

## କର୍ମଶାଳା

ଗଞ୍ଜାମ ଜିଲ୍ଲାର ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ପରମାଣୁ ଊର୍ଜା ଓ ଏହାର ବ୍ୟବହାର ସଂପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଦେଶର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ବିଜ୍ଞାନ, ଅନୁସନ୍ଧାନ ଗ୍ରାମାଞ୍ଚଳରେ ମଧ୍ୟ ରହିବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ ।

---

## ବେଆଇନ ବାଣ ଜବତ

ନୟାଗଡ଼ ଜିଲ୍ଲାରେ ବେଆଇନ ବାଣ କାରବାର ବିରୁଦ୍ଧରେ ଆରକ୍ଷୀ ଅଧିକ୍ଷକ ଏସ୍. ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏଥିରେ ପ୍ରାୟ ୪ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ ହେବା ସହ ୫ ଜଣଙ୍କୁ ଗିରଫ କରାଯାଇଛି ।

---

## ରେଳ ଲାଇନ୍

ପୁରୀ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ ହେବ ବୋଲି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ବାଲା କହିଛନ୍ତି । ଏଥିସହ ଚଳିତବର୍ଷ ଡିସେମ୍ବର ମାସ ସୁଦ୍ଧା ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ଲାଇନ୍ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ଅଧୀନରେ ଥିବା ୭ଟିଯାକ ଟନେଲ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଭୁବନେଶ୍ୱର ରେଳଷ୍ଟେସନର କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ସେ କହିଛନ୍ତି । ଗତ ଆର୍ଥିକବର୍ଷରେ ପୂର୍ବତଟ ରେଳପଥ ଭାରତୀୟ ରେଳପଥର ଶ୍ରେଷ୍ଠ ମାଲ୍ ପରିବହନ କ୍ଷେତ୍ର ଭାବେ ନିଜ ସ୍ଥାନ ବଜାୟ ରଖିଥିବାନେଇ ସେ ସୂଚନା ଦେଇଛନ୍ତି ।

## ଘୋଡ଼ାନାଚକ

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠରେ ୩ ଦିନିଆ ଘୋଡ଼ା ନୃତ୍ୟ ଉତ୍ସବ ଆରମ୍ଭ ହୋଇଛି । ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି ।

## ଇଣ୍ଡିଆ ସ୍କିଲ୍

ଇଣ୍ଡିଆ ସ୍କିଲ୍ ୨୦୨୫-୨୬ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ୧୫ଟି ସ୍ୱର୍ଣ୍ଣ ସହ ମୋଟ୍ ୫୭ଟି ପଦକ ହାସଲ କରି ଚମ୍ପିୟାନ୍ ହୋଇଛି । ପ୍ରତିଯୋଗିତାରେ ରାଜ୍ୟର ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

ସେମାନଙ୍କ ମଧ୍ୟରେ ୧୫ ଜଣଙ୍କୁ ସ୍ୱର୍ଣ୍ଣ, ୧୨ ଜଣଙ୍କୁ ରୌପ୍ୟ ଓ ୧୪ ଜଣ ବ୍ରୋଞ୍ଜ ପଦକ ପାଇଛନ୍ତି । ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଶିଳ୍ପ ଓ ଦକ୍ଷତାବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି ।

---